ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ


# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 13-06-2025

ଗଜପତି(ଓଡିଶା) - :2025-06-13 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-06-14 | 2025-06-15 | 2025-06-16 | 2025-06-17 | 2025-06-18 |
|---|---|---|---|---|---|
| ବର୍ଷା (ମିମି) | 3.0 | 11.0 | 12.0 | 15.0 | 8.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 32.0 | 31.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 25.0 | 24.0 | 23.0 | 23.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 95 | 93 | 91 | 92 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 59 | 63 | 66 | 70 | 77 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 4 | 5 | 5 | 8 |
| ପବନର ଦିଗ (ଡିଗ୍ରୀ) | 210 | 239 | 283 | 266 | 255 |
| ମେଘାଚ୍ଛନ (ଅକ୍ଟା) | 4 | 5 | 5 | 6 | 5 |
| ସତର୍କବାଣୀ | NA | NA | NA | NA | NA |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୩.୦ ରୁ ୦୮.୦ କିଲୋମିଟର ପ୍ରତିଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧.୦° ସେଲସିୟସ ରୁ ୩୩.୦°ସେଲସିୟସ ଏବଂ ୨୩.୦° ସେଲସିୟସ ରୁ ୨୫.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୧ ରୁ ୯୫ ଶତକଡା ଏବଂ ୫୯ ରୁ ୭୭ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ଚେତାବନୀ ନାହିଁ ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂସ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ପ୍ରଭାବ ନାହିଁ । |

## ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୫.୧° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୧°ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୫୮.୧ ମିଲିମିଟର ବର୍ଷା ହୋଇଅଛି । ପାଣିପାଗର ପୂର୍ବାନୁମାନକୁ ଲକ୍ଷ୍ୟକରି, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇ ମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ଆଗାମୀ ପାଞ୍ଚଦିନ ପାଇଁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଉଅଛି । ଅମଳ ହୋଇ ସାରିଥିବା ଶସ୍ୟ/ଉତ୍ପାଦକୁ ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ, ଯେପରିକି ବର୍ଷା କାରଣରୁ କୌଣସି କ୍ଷତି ନ ହୁଏ । ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ । ଗାଈଗୋରୁ ମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ ଶୁଖିଲା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ । ପବନରୁ ଆମ୍ବକୁ ରକ୍ଷା କରିବାପାଇଁ ଆମ୍ବଗଛରେ ଜାଲ ଲଗାନ୍ତୁ । ପାଣିପାଗର ପୂର୍ବାନୁମାନ ଅନୁସାରେ ଆଗାମୀ ଦିନମାନଙ୍କରେ ଜିଲ୍ଲାରେ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ଓ ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ନ ରଖିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥାନ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ ତଥା ରଂଯା ମଜବୁତ୍ କରି ଦିଅନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ମଞ୍ଜିକୁ ଗଜାକରିବା ପାଇଁ ଧାନ କୁ ପାଣିରେ ୨୪ ଘଣ୍ଟା ଭିଜେଇ ଏହା ପରେ ଛାଣି ଓଦା ବସ୍ତା ଘୋଡ଼େଇ ରଖିଲେ ୨୪ ରୁ ୩୦ ଘଣ୍ଟାପରେ ଗାଲି ଗଜା ଫିଟିଥାଏ । ଗାଲି ଗଜା ଧାନ କୁ ତଳିଘରା ରେ ବୁଣା ଯାଏ। ଗଜା ବେଶି ବଡ ହୋଇଗଲେ ଛିଣ୍ଡି ଯିବାର ସମ୍ଭାବନା ଥାଏ ।ତେଣୁ ବର୍ଷା ଛାଡ଼ିଗଲା ପରେ ଯଥାଶୀଘ୍ର ତଳି ଘରା ରେ ଗଜା ଧାନ କୁ ବୁଣନ୍ତୁ । |
| ମକା | ଏକ ଏକର ମକା ଚାଷ ପାଇଁ ୬-କିଲୋଗ୍ରାମ ବିହନ ଦରକାର ପଡିଥାଏ।ଫଲ୍ ଆର୍ମି ୱାର୍ମନାମକ କୀଟର ପରିଚାଳନା ପାଇଁ ବିହନକୁବୁଣିବା ଆଗରୁଏକ କେଜି ବିହନରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । ମୂଳସାର ହିସାବ ରେ ଏକରପ୍ରତି ୫୫- କିଲୋଗ୍ରାମ ଡ଼ିଏପି , ୨୫- କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ । ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜିକୁ ସିଡଡ୍ରିଲ ବ୍ୟବହାର କରି କିମ୍ବା ଲଙ୍ଗଳ ସିଆର ପଛରେ ଧାଡିରେ ୪ ରୁ ୫ ସେ.ମି ଗଭୀରରେ ବୁଣନ୍ତୁ । ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ଶୁଖିଲା ପାଗ ଦେଖି ବୁଣିବାର ୧ ରୁ ୨ ଦିନ ଭିତରେ ଜମିବତର ଥିବା ଅବସ୍ଥାରେ Atrazine ଘାସମରା ଔଷଧ ଏକର ପ୍ରତି ୮୦୦-ଗ୍ରାମ ଔଷଧକୁ ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ମସୁର / ହରଡ଼ | ହରଡର ଉନ୍ନତ ସଅଳ କିସମ ଗୁଡିକ ହେଲା, ପି.ଆର୍.ଜି-୧୭୬ (PRG-୧୭୬), ପି.ଆର୍.ଜି-୨୩୫ (PRG-୨୩୫) , ଭି.ଏଲ-ଅରହର-୧ (VL-ARHAR-1), ଟି- ଅରହର (T-Arhar),ଇତ୍ୟାଦି । ହରଡ ର ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡିକ ହେଲା ଆଶା (Asha), Laxman, ମାରୁତି (Maruti), ଟି.ଡି.ଆର.ଜି -୫୯ ( TDRG-59 ), ପନ୍ତ–ଏ –୭ ( PANT-A-7), ଜି.ଟି -୧୦୪( GT-104) ଇତ୍ୟାଦି । ଧାଡିରେ ବୁଣିବା ପାଇଁ ଏକରପ୍ରତି ସଅଳ ଅମଳ ହେଉଥିବା କିସମ ରୁ ୮- |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କିଲୋଗ୍ରାମ ଏବଂ ବିଳମ୍ବରେ ହେଉଥିବା କିସମ ପାଇଁ ୬- କିଲୋଗ୍ରାମ ବିହନ ଦରକାର ହୁଏ । ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଗୋଳାଇ ଉପଚାର କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବୋଇତି କଖାରୁ | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ଉଚ୍ଛୁର ପତ୍ରପୋଡା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ଶୁଖିଲା ପାଗ ଦେଖି Carbendazim ୧୨ % + Mancozeb ୬୩ % WP ର ମିଳିତ ଫିମ୍ପିନାଶକ @ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଯିଠ୨ନି ନ୍ରାଠି | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି ୪୦୦ gm Carbendazim ଓ Mancozebର ମିଳିତ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| ଲଙ୍କା | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି ୪୦୦ gm Carbendazim ଓ Mancozebର ମିଳିତ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| କଦଳୀ | କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢ। ପୋକର ପରିଚାଳନାପାଇଁକଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁକନ୍ଦାଗୁଡିକୁଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା’ ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସିଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁରକ୍ଷା ପାଇବା ପାଇଁଆକ୍ରାନ୍ତ ଗଛକୁକାଟିଟିକିଟିକିକରିଖରାରେ ଶୁଖାଇଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଚ୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟି ଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକଟାଆଁସାଘାସବାନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ୱାରା ଏହି ରୋଗ ହୋଇଥାଏ । ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଶୀଘ୍ର ବଢୁଥିବା କାର୍ପଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ୪:୩:୩ଭାଗ ରେ ଚାଷକରିବା ଦ୍ଵାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡିଆ କୁଣ୍ଡା ସମାନ ଅନୁପାତ ରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ, ଯାହା ଦ୍ଵାରା ମାଛ ଗୁଡିକ ୮ରୁ ୧୦ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| କୌଣସି ଚେତାବନୀ ନାହିଁ । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| କୌଣସି ପ୍ରଭାବ ନାହିଁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**